ତହସିଲ କାର୍ଯ୍ୟାଳୟ, ନନ୍ଦାହାଣ୍ଡି
ଜିଲ୍ଲା- ନବରଙ୍ଗପୁର

ସଂଖ୍ୟା_2223__/୨୦୨୦, ତା- 22.12.2020

**ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦି ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡ଼ିଶା ସରକାରଙ୍କ ଲଘୁ ଖଣିଜ ରିହାତି (ସଂଶୋଧନ) ନିୟମ ୨୦୧୬ ( Odisha Minor Mineral Concession (Amendment) Rules 2016) ମୁତାବକ ଏହି ତହସିଲ ଅଧୀନରେ ଥିବା ଔପଚାରିକ-କ ରେ ସୂଚିତ ସଇରାତ ଉତ୍ସ (ପଥର ଓ ବାଲି ଖାଦାନ ) ଗୁଡିକୁ ପାଞ୍ଚ ବର୍ଷ ନିମନ୍ତେ ଦୀର୍ଘ ମିଆଦି ଲିଜ୍ ସୁତ୍ରରେ ଲିଜ ପ୍ରଦାନ କରିବା ନିମନ୍ତେ ନିଲାମ କରାଯିବ । ତେଣୁ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ସର୍ବସାଧାରଣଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

୧. ପାଞ୍ଚ ବର୍ଷିଆ ଦୀର୍ଘ ମିଆଦି ଲିଜ୍ ନିମନ୍ତେ ଉକ୍ତ ସୈରାତ ଉତ୍ସ ଗୁଡିକର ବନ୍ଦୋବସ୍ତ ପାଇଁ ଉପର୍ଯ୍ୟୁକ୍ତ ନିୟମର ନିୟମ ୨୭(୪) ମୁତାବକ ଆବଶ୍ୟକୀୟ ଦସ୍ତାବିଜ ଏବଂ ଧାର୍ଯ୍ୟ ଦେୟ ସହିତ ନିର୍ଦ୍ଧାରିତ ସମୟ ମଧ୍ୟରେ ଇଚ୍ଛୁକ ବ୍ୟକ୍ତି ଫର୍ମ-M ରେ ଦରଖାସ୍ତ କରିପାରିବେ । ଦରଖାସ୍ତ ଫର୍ମ ସଠିକ ଭାବରେ ପୂରଣ କରି (କେବଳ ଅତିରିକ୍ତ ମୂଲ୍ୟ ଦର୍ଶାଇବେ) ଏହାର ତିନୋଟି ନକଲ ସହିତ ନିମ୍ନ ଲିଖିତ ଦସ୍ତାବିଜ ଦାଖଲ କରିବେ ।

(i) ଦରଖାସ୍ତ ଫି ବାବଦକୁ ନିମ୍ନ ଦର୍ଶିତ head of account ରେ ଜମା କରିଥିବା ଟ.୧୦୦୦(ଏକ ହଜାର ) ଟଙ୍କା ର ଟ୍ରେଜରି ଚାଲାଣ ।
"0853-Non-ferrous Mining and Metallurgical Industries-102-Mineral Concession Fees, Rents and Royalties-"

(ii) ପୂର୍ବରୁ କୌଣସି ସଇରାତ ଲିଜ ର ଦେୟ ବାକି ନ ଥିବା ଦର୍ଶାଇ ଏକ ସତ୍ୟପାଠ (affidavit) ।

(iii) ଔପଚାରିକ -କ ରେ ଦର୍ଶିତ ଅଗ୍ରୀମ ଦେୟ ଜମା (earnest money deposit ) ର ଡିମାଣ୍ଡ ଡ୍ରାଫ୍ଟ ( in favour of Tahasildar , Nandahandi payable at SBI , Nabarangpur ) ।

(iv) ଦରଖାସ୍ତ ଫର୍ମ ରେ ପ୍ରସ୍ତାବିତ ଅତିରିକ୍ତ ମୂଲ୍ୟ ଏବଂ ରୟାଲଟିର ମୋଟ ମୂଲ୍ୟ (ସମ୍ପୂର୍ଣ୍ଣ ଏକ ବର୍ଷର ଲଘୁ ଖଣିଜ ଦ୍ରବ୍ୟର ମୂଲ୍ୟ ) ବା ତତୋଧିକ ମୂଲ୍ୟ ର ବ୍ୟାଙ୍କ ଗ୍ୟାରେଣ୍ଟି ( ଅଠର ମାସର ବୈଧତା ଥିବା ) କିମ୍ବା କ୍ଷମତା ଶୋଧନ ପ୍ରମାଣପତ୍ର (Solvency) ଏବଂ ଉକ୍ତ ପ୍ରମାଣପତ୍ର ସହ ଜଡ଼ିତ ସମସ୍ତ ସ୍ଥାବର ସମ୍ପତ୍ତିର ସଂପୃକ୍ତ ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ପ୍ରମାଣିକୃତ କରି ତାହାର ନକଲ ସଂଲଗ୍ନ କରିବେ ।

(v) ଗତ ବର୍ଷ ର ଆୟକର ଦାଖଲ (IT returns) ର ନକଲ / GST ରେଜିଷ୍ଟ୍ରେସନ ନକଲ ।

(vi) ଦରଖାସ୍ତକାରୀଙ୍କ ଆଧାର କାର୍ଡ଼ ଏବଂ ପାନ କାର୍ଡ଼ ର ନକଲ ।

୨. ଉପର୍ଯ୍ୟୁକ୍ତ ନିୟମାବଳୀର ନିୟମ ୨୭ (୫ ) ମୁତାବକ ଦରଖାସ୍ତ ଫର୍ମରେ ଲଘୁ ଖଣିଜ ଦ୍ରବ୍ୟର ଘନ ମିଟର ପ୍ରତି (Per Cum) ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ (additional charge) ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ (କେବଳ ଅତିରିକ୍ତ ମୂଲ୍ୟ ଦର୍ଶାଇବେ) । ଯଦି ସମ୍ପୃକ୍ତ ଉତ୍ସ ନିମନ୍ତେ ଏକାଧିକ ବ୍ୟକ୍ତି ସମାନ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥାନ୍ତି , ତାହା ହେଲେ ସେମାନଙ୍କ ମଧ୍ୟରେ ଲଟେରୀ ( draw of lots) ମାଧ୍ୟମରେ ଚୟନ କରାଯିବ ।

୩. ଏହି ଦୀର୍ଘ ମିଆଦି ସଇରାତ ବନ୍ଦୋବସ୍ତ ପାଇଁ ଦରଖାସ୍ତକାରୀ ପ୍ରାକ ଅନୁଶୀଳନ ପାଇଁ ଉପସ୍ଥାପନା ଅବ୍ୟବହିତ ପୂର୍ବରୁ ପଥର ଓ ବାଲି ଖାଦାନ ପରିଦର୍ଶନ କରି ସଇରାତ ପରିଚାଳନାପାଇଁ ଆନୁସଂଗିକ ସୁବିଧା ସୁଯୋଗ ସଂପର୍କରେ ଅବଗତ ହୋଇ ପାରିବେ ।

୪. ପ୍ରତ୍ୟେକ ଉତ୍ସ ପାଇଁ ପୃଥକ ଦରଖାସ୍ତ ଫର୍ମ ସଠିକ ଭାବେ ପୂରଣକରି ଆବଶ୍ୟକୀୟ ଦସ୍ତାବିଜ ଏବଂ ଧାର୍ଯ୍ୟ ଦେୟ ସହିତ ତା –15.01.2021 ରିଖ ଅପରାହ୍ନ 3.00 ଘଣ୍ଟା ସୁଦ୍ଧା ଜଉମୁଦ ଲଫାପାରେ ତହସିଲ କାର୍ଯ୍ୟାଳୟରେ ରଖାଯାଇଥିବା ଟେଣ୍ଡର ବାକ୍ସରେ ପକାଇ ପାରିବେ (ସରକାରୀ ଛୁଟି ଦିନ ବ୍ୟତିତ) କିମ୍ବା ରେଜିଷ୍ଟ୍ରି ଡ଼ାକ/ ସ୍ପିଡ ପୋଷ୍ଟ ଯୋଗେ ତହସିଲଦାର, ନନ୍ଦାହାଣ୍ଡି , ଜିଲ୍ଲା – ନବରଙ୍ଗପୁର , ପିନ –764078 ଙ୍କ ନିକଟକୁ ପ୍ରେରଣ କରିପାରିବେ । ନିଜର ସମ୍ପୂର୍ଣ୍ଣ ଠିକଣା ଲେଖି ଲଫାଫା ଉପରେ ଉତ୍ସ ର ନାମ ଉଲ୍ଲେଖ କରିବେ । ନିର୍ଦ୍ଧାରିତ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ ଯୋଗ୍ୟ ହେବ ନାହିଁ । ଯଦି କୌଣସି ଉତ୍ସ ନିମନ୍ତେ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ବୈଧ ଦରଖାସ୍ତ ପ୍ରାପ୍ତ ନ ହୁଏ ବା ସମସ୍ତ ଦରଖାସ୍ତକାରୀ ଲିଜ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି , ତାହାହେଲେ ସେହି ଉତ୍ସ ନିମନ୍ତେ ତା- 16.01.2021 ରଖ ଠାରୁ ତା- 22.01.2021 ରିଖ ଅପରାହ୍ନ 3.00ଘଣ୍ଟା ମଧ୍ୟରେ ଉପରୋକ୍ତ ପ୍ରକାରେ ଦରଖାସ୍ତ ଦାଖଲ କରିପାରିବେ । ଯଦି ଦ୍ୱିତୀୟ ଥର ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଉତ୍ସ ନିମନ୍ତେ କୌଣସି ବୈଧ ଦରଖାସ୍ତ ପ୍ରାପ୍ତ ନ ହୁଏ ବା ସମସ୍ତ ଦରଖାସ୍ତକାରୀ ଲିଜ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି , ତାହାହେଲେ, ସେହି ଉତ୍ସ ନିମନ୍ତେ ତୃତୀୟ ତଥା ଶେଷ ଥର ତା- 23.01.2021 ରିଖ ଠାରୁ ତା-29.01.2021 ରିଖ ଅପରାହ୍ନ 3.00 ଘଣ୍ଟା ମଧ୍ୟରେ ଉପରୋକ୍ତ ପ୍ରକାରେ ଦରଖାସ୍ତ ଦାଖଲ କରିପାରିବେ ।

୫. ପ୍ରଥମ ଦଫାରେ ପ୍ରାପ୍ତ ସମସ୍ତ ଦରଖାସ୍ତ ଓ ଦସ୍ତାବିଜ ଗୁଡିକର ତା- 15.01.2021 ରିଖ ଅପରାହ୍ନ 3.30 ଘଣ୍ଟା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ଚୟନ କମିଟି ଦ୍ୱାରା ଯାଞ୍ଚ କରାଯାଇ ଚୟନ ପ୍ରକ୍ରିୟା ସମ୍ପାଦନ କରାଯିବ । ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟା ରେ ନିଜେ କିମ୍ବା ତାଙ୍କ ପ୍ରତିନିଧି ଉପସ୍ଥିତ ରହି ପାରନ୍ତି । ଧାର୍ଯ୍ୟ ତାରିଖ ଓ ସମୟରେ କେହି ଅନୁପସ୍ଥିତ ରହିଲେ ସେଥିପାଇଁ ନିଲାମ କାର୍ଯ୍ୟ ଅଟକିବ ନାହିଁ । ଦରଖାସ୍ତ , ଦସ୍ତାବିଜ ଏବଂ ଧାର୍ଯ୍ୟ ଦେୟ ସଠିକ ନ ଥିଲେ କିମ୍ବା ଆବଶ୍ୟକୀୟ ଦସ୍ତାବିଜ ଏବଂ ଧାର୍ଯ୍ୟ ଦେୟ ପ୍ରଦାନ କରି ନ ଥିଲେ ଉକ୍ତ ଦରଖାସ୍ତକୁ ନାକଚ କରାଯିବ । ଯଦି କୌଣସି ଉତ୍ସ ନିମନ୍ତେ ପ୍ରଥମ ଦଫାରେ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ବୈଧ ଦରଖାସ୍ତ ପ୍ରାପ୍ତ ହୋଇ ନ ଥାଏ ବା ସମସ୍ତ ଦରଖାସ୍ତକାରୀ ଲିଜ ପାଇଁ ଅଯୋଗ୍ୟ ବିବେଚିତ ହୋଇଥାନ୍ତି, ତାହାହେଲେ ଦ୍ୱିତୀୟ ଓ ଶେଷ ଦଫାରେ ପ୍ରାପ୍ତ ଦରଖାସ୍ତ ଓ ଦସ୍ତାବିଜ ଗୁଡିକର ଯଥାକ୍ରମେ ତା- 22.01.2021 ରିଖ ଓ ତା- 29.01.2021 ରିଖ ଅପରାହ୍ନ 3.30 ଘଣ୍ଟା ସମୟରେ ଉପରୋକ୍ତ ପ୍ରକାରେ ଯାଞ୍ଚ କରାଯାଇ ଚୟନ ପ୍ରକ୍ରିୟା ସମ୍ପାଦନ କରାଯିବ । ଉକ୍ତ ଦିନ ଗୁଡିକରେ କୌଣସି କାରଣରୁ ନିଲାମ କାର୍ଯ୍ୟ ସମ୍ପନ୍ନ ହୋଇ ନ ପାରିଲେ, ତାହାର ପରବର୍ତ୍ତୀ କାର୍ଯ୍ୟ ଦିବସରେ ନିର୍ଦ୍ଧାରିତ ସମୟରେ ନିଲାମ କାର୍ଯ୍ୟ ଅନୁଷ୍ଠିତ ହେବ ।

୨୨/୧୨/୨୦୨୦

୬ . ଚୟନ ପ୍ରକ୍ରିୟା ଶେଷ ହେବାର ସାତ ଦିନ ମଧ୍ୟରେ ଚୟନ ସମ୍ବନ୍ଧୀୟ ତଥ୍ୟ ଓ ଲିଜ ର ସର୍ତ୍ତାବଳୀ ଫର୍ମ-F ରେ ମନୋନୀତ ନିଲାମଧାରୀ ଙ୍କୁ ଜଣାଇ ଦିଆଯିବ

୭。 ମନୋନୀତ ନିଲାମଧାରୀ ଫର୍ମ-F ରେ ତଥ୍ୟ ପାଇବାର ପନ୍ଦର ଦିନ ମଧ୍ୟରେ ଉପର୍ଯ୍ୟୁକ୍ତ ନିୟମାବଳିର ନିୟମ ୨୭ (୭) ମୁତାବକ ଅମାନତ ରାଶି (security deposit) ବାବଦକୁ ଆବଶ୍ୟକ ଅର୍ଥ ରାଶି ଏହି କାର୍ଯ୍ୟାଳୟରେ ଜମା କରିବେ (ଉକ୍ତ ଅମାନତ ରାଶି ବିନା ସୁଧ ରେ ଲିଜ ଅବଧି ସରିବା ପର୍ଯ୍ୟନ୍ତ ଜମା ରଖାଯିବ) । ଏଥିରେ ଖିଲାପ କଲେ ତାଙ୍କ ଆବେଦନ ନାକଚ କରିବା ସଂଗେ ସଂଗେ ପରବର୍ତ୍ତୀ ସର୍ବୋଚ୍ଚ ଅତିରିକ୍ତ ମୁଲ୍ୟ (additional charge) ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଦ୍ୱିତୀୟ ସର୍ବୋଚ୍ଚ ନିଲାମଧାରୀ ମଧ୍ୟ ତଦ୍ରୁପ ଖିଲପ କଲେ , ଉକ୍ତ ନିଲାମକୁ ରଦ୍ଦ କରାଯାଇ ନୂତନ ଭାବେ ନିଲାମ କରିବା ନିମନ୍ତେ ପଦକ୍ଷେପ ନିଆଯିବ । କିନ୍ତୁ, ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ମୁଲ୍ୟ (additional charge) ଉଲ୍ଲେଖ କରିଥିବା ଦରଖାସ୍ତକାରୀ, ସେହି ଉତ୍ସ କିମ୍ବା ଅନ୍ୟ ଉତ୍ସ ନିମନ୍ତେ ଉଲ୍ଲେଖ ହୋଇଥିବା ସର୍ବୋଚ୍ଚ ମୂଲ୍ୟ ତୁଳନାରେ ଅସାଧାରଣ ସ୍ୱଳ୍ପ ମୂଲ୍ୟ ଦର୍ଶାଇଥାନ୍ତି, ତାହା ହେଲେ ଉକ୍ତ ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ମୁଲ୍ୟକୁ ଗ୍ରହଣ କରାଯିବ ନହିଁ ଏବଂ ଉକ୍ତ ଲିଜ ସମ୍ବନ୍ଧେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳଙ୍କୁ ଜଣାଇ ଦିଆଯିବ ।

୮. ମନୋନୀତ ନିଲାମଧାରୀ ଫର୍ମ-F ରେ ତଥ୍ୟ ପାଇବା ପରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ନିଜ ଖର୍ଚ୍ଚରେ ପରିବେଶ ସମ୍ବନ୍ଧୀୟ କ୍ଲୀୟରାନ୍ସ (Environmental clearance ) କ୍ଷମତା ପ୍ରାପ୍ତ ପ୍ରାଧିକାରୀ (SEIAA) ଙ୍କ ଠାରୁ ହାସଲ କରି ଏହି କାର୍ଯ୍ୟାଳୟରେ ଦାଖଲ କରିବେ ଏବଂ ଫର୍ମ-N ରେ ନିଜ ଖର୍ଚ୍ଚରେ ଲିଜ ରାଜିନାମା ( ରେଜିଷ୍ଟ୍ରେସନ ଆକ୍ଟ ୨୦୦୮ ଏବଂ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ) ସମ୍ପାଦନ କରିବେ । ଏଥିରେ ଖିଲାପ କଲେ ତାଙ୍କ ଚୟନକୁ ରଦ୍ଦ କରାଯିବ ଏବଂ ଜମା କରାଯାଇଥିବା ସମସ୍ତ ଅମାନତ ରାଶି (Security Deposit) ବାଜ୍ୟାପ୍ତି କରାଯିବ ।

୯. ମନୋନୀତ ନିଲାମ ଧାରୀ ସଇରାତ ଉତ୍ସ ପରିଚାଳନା ନିମନ୍ତେ ଓଡିଶା ରାଜ୍ୟ ପ୍ରଦୂଷଣ ବୋର୍ଡ୍ ରୁ ଆବଶ୍ୟକ ମଞ୍ଜୁରୀ ନିଜ ଖର୍ଚ୍ଚ ରେ ପ୍ରାପ୍ତ କରିବେ ।

୧୦ . ପୂର୍ବରୁ ସୈରାତ ଖାଦାନ ବନ୍ଦୋବସ୍ତ ଜନିତ କୌଣସି ରାଜସ୍ୱ ରୟାଲଟି ପ୍ରଦାନରେ ଖିଲାପକାରୀଙ୍କ ଆବେଦନପତ୍ର ଗ୍ରହଣ କରାଯିବ ନାହିଁ ।

୧୧ . ଖବର କାଗଜରେ ଇସ୍ତାହାର ପ୍ରକାଶନ ଖର୍ଚ୍ଚ ଲିଜ୍ ଧାରୀ ସମାନୁପାତରେ ବହନ କରିବେ ।

୧୨ ମାଇନିଙ୍ଗ ପ୍ଲାନ ପ୍ରସ୍ତୁତି ବାବଦକୁ ଖର୍ଚ୍ଚ ଲିଜ୍ ଧାରୀ ବହନ କରିବେ ।

୧୩. ଲିଜଧାରୀ ପୈଠ କରାଯାଇଥିବା ଅତିରିକ୍ତ ଧାର୍ଯ୍ୟଦରର 10% ଅର୍ଥ ଜିଲ୍ଲା ଫାଉଣ୍ଡେସନ ପାଣ୍ଠି (DMF) ସପକ୍ଷରେ ଓ 5% ଅର୍ଥ ପରିବେଶ ପରିଚାଳନା ପାଣ୍ଠି (EMF) ନିମନ୍ତେ ପ୍ରାଦାନ କରିବାକୁ ବାଧ୍ୟହେବେ ।

୧୪. ଲିଜଧାରୀ, ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମ ୨୦୧୬ ଓ ତତପରବର୍ତ୍ତୀ ସମସ୍ତ ସଂଶୋଧନ ନିୟମ ଏବଂ ଲିଜ ପରିଚାଳନା ସମ୍ବନ୍ଧୀୟ ସରକାରଙ୍କ ସମସ୍ତ ନିର୍ଦ୍ଦେଶବଳୀ /the Mines and Minerals (Development and Regulation) Act, 1957/ Explosive Act 2008 ଓ ମାନୁଆଲ ଅଫ ତହସିଲ ଆକାଉଣ୍ଟସ ର ପରିସରଭୁକ୍ତ ରହିବେ ।

୧୫. କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ ଆଦେଶ ନ ମିଳିବ। ପର୍ଯ୍ୟନ୍ତ ଲିଜ ଧାରୀ ସୈରାତ ଉତ୍ସରୁ ବାଲି/ ପଥର ଉଠାଇ ପାରିବେ ନାହିଁ ।

୧୬. କୌଣସି କାରଣ ନ ଦର୍ଶାଇ ବିଜ୍ଞପ୍ତି ପ୍ରକ୍ରିୟାକୁ ସ୍ଥଗିତ କିମ୍ବା ରଦ୍ଦ କରିପାରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳଙ୍କ ର ରହଅଛି ଏବଂ ଯଦି ବିଜ୍ଞପ୍ତି ଇସ୍ତାହାର ରେ କୌଣସି ତ୍ରୁଟି ପରିଲିଖିତ ହୁଏ ତେବେ ତାହା କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସଂଶୋଧନ କରାଯିବ ।

ତହସିଲଦାର ନନ୍ଦାହାଣ୍ଡି
TAHASILDAR NANDAHANDI

ପରିପତ୍ର ସଂଖ୍ୟା __2224___/୨୦୨୦, ତା-22.12.2020

ଏହାର ଏକ କିତା ନକଲ ଜିଲ୍ଲାପାଳ , ନବରଙ୍ଗପୁର/ ଉପ-ଜିଲ୍ଲାପାଳ , ନବରଙ୍ଗପୁରଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକ କିତା ନକଲ DIO, NIC , ନବରଙ୍ଗପୁରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଜନସାଧାରଣ ଙ୍କ ଅବଗତି ନିମନ୍ତେ ନବରଙ୍ଗପୁର ଜିଲ୍ଲା ୱେବସାଇଟରେ ଉକ୍ତ ବିଜ୍ଞାପନକୁ upload କରିବାକୁ ଅନୁରୋଧ କରାଗଲା ।

ଏହାର ଏକ କିତା ନକଲ ଗୋଷ୍ଠି ଉନ୍ନୟନ ଅଧିକାରୀ , ନନ୍ଦାହାଣ୍ଡିଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଜନସାଧାରଣଙ୍କ ଅବଗତି ନିମନ୍ତେ ଉକ୍ତ ବିଜ୍ଞାପନକୁ ପ୍ରଦର୍ଶନ କରିବାକୁ ଅନୁରୋଧ କରାଗଲା ।

ଏହାର ଏକ କିତା ନକଲ ଏହି ତହସିଲ ଅଧିନସ୍ଥ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଜନସାଧାରଣ ଙ୍କ ଅବଗତି ନିମନ୍ତେ ଉକ୍ତ ବିଜ୍ଞାପନକୁ ତାଙ୍କ କାର୍ଯ୍ୟାଳୟ ସୂଚନା ଫଳକ ରେ ପ୍ରଦର୍ଶନ କରିବାକୁ ଅନୁରୋଧ କରାଗଲା ।

ଏହାର ଏକ କିତା ନକଲ ଜନସାଧାରଣ ଅବଗତି ନିମନ୍ତେ ଏହି କାର୍ଯ୍ୟାଳୟର ସୂଚନା ଫଳକରେ ପ୍ରଦର୍ଶନ କରାଗଲା ।

ତହସିଲଦାର ନନ୍ଦାହାଣ୍ଡି
TAHASILDAR NANDAHANDI

ଔପଚାରିକ –କ

| କ୍ରମିକ ସଂଖ୍ୟା | ସଇରାତ ଉତ୍ସର ନାମ | ମୌଜା | ଖାତା ନଂ | ପ୍ଲଟ ନଂ | ରକବା (ହେକ୍ଟର ରେ ) | ବାର୍ଷିକ ଉତ୍ତୋଳନ ପରିମାଣ (ଘନ ମିଟର ରେ ) | ଘନ ମିଟର ପ୍ରତି ରୟାଲଟି ର ମୂଲ୍ୟ | ଘନ ମିଟର ପ୍ରତି ସର୍ବନିମ୍ନ ଅତିରିକ୍ତ ମୂଲ୍ୟ | ଘନ ମିଟର ପ୍ରତି ମୋଟ ମୂଲ୍ୟ | ଅଗ୍ରୀମ ଦେୟ (EMD) ର ପରିମାଣ |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | ନୁଆଗାଁ ପଥର ଖାଦାନ | ନୁଆଗାଁ | 417 | 1575 | 0.78 | 695 | 130/- | 10/- | 140/- | 19,726/- |
| 2 | ଧଣ୍ଡା ପଥର ଖାଦାନ-1 | ଧଣ୍ଡା | 927 | 576 | 1.68 | 946 | 130/- | 10/- | 140/- | 39,046/- |
| 3 | ଧଣ୍ଡା ପଥର ଖାଦାନ-3 | ଧଣ୍ଡା | 927 | 563 | 1.20 | 787 | 130/- | 10/- | 140/- | 25,361/- |
| 4 | ବେଲଗାଁ ପଥର ଖାଦାନ-1 | ବେଲଗାଁ | 374 | 897 | 1.70 | 741 | 130/- | 10/- | 140/- | 54,481/- |
| 5 | ପଡାଲଗୁଡା ମୁରମ ଖାଦାନ | ପଡାଲଗୁଡା | 792 | 124 | 6.81 | 17612 | 35/- | 5/- | 40/- | 35,224/- |

ତହସିଲଦାର, ନନ୍ଦାହାଣ୍ଡି

TAHASILDAR
NANDAHANDI

# FORM – M

## Application for grant of Quarry Lease

[*See* rule 27(4)]

To

............................................................................................................

Dated the 20

Sir,

1. I/We submit an application for a quarry lease for..............(mineral) for a term of .................... years over.............hectares of land in the area specified in the *Annexure* given below:-
2. A sum of Rs.......... payable as fee (Non-refundable) for grant of such lease under sub-rule (4) of rule 27 of the Odisha Minor Mineral Concession Rules, 20........ has been paid in the Government Treasury at............and a receipted challan bearing No.......... dated.......is enclosed.
3. The required particulars are given below:-
   i) An affidavit stating that no mining due payable under the Act and Rules made there under is outstanding against the applicant.
   ii) Where land belongs to private persons, consent of all such persons for grant of quarry lease.
   iii) Solvency certificate and list of immovable property from the Revenue Authority.
4. (i) Name and address of the applicant....................................................
   (ii) Nationality of the applicant..........................................................
   (iii) Profession of the applicant..........................................................
   (iv) Particulars of the areas, mineral wise, within the State for which the applicant or any person having joint interest with him...............................................
   a) Already holds a quarry lease....................................................
   b) Has already applied for a quarry lease but not granted ...........................
   c) Being applied for simultaneously.............................................
   d) Nature of joint interest, if any..................................................
   (v) Means by which the minor minerals is/are to be raised, i.e. whether manual or mechanical......................
   (vi) Manner in which the minor mineral raised to be utilized-
   (a) For manufacture........................
   (b) For sale.....................................
   (c) Any other purpose......................
   (vii) Details of the plan boundary description and land schedule of the area applied for to be enclosed.

(viii) Has the applicant any previous experience in quarrying/mining? If yes, details should be given.................

(ix) Financial Resources of the applicant.

(a)

(b)

(x) Total investment in the operations anticipated.....................

(xi) Any other particulars which the applicant wishes to furnish:

(a) Name of the village/Forest Block

(b) Whether the area belongs to Scheduled Area.

(c) Details of the area applied for in each Survey Number

(d) Full description of the area applied for with regard to nature features

(e) District..................

5. Rate of additional charge (per cubic meter) quoted-

**N.B:** The application shall be summarily rejected if the rate of additional charge quoted is less than the rate of additional charge specified in the notification.

I/We hereby declare that the particulars furnished above are correct and undertake to furnish any other details, plan, etc., as may be required by you.

Yours faithfully,

Place.........

Date..........

Signature of the applicant

**N.B:** If the application is signed by an authorised agent of the applicant, the power of attorney should be attached.